# ପଞ୍ଚାୟତ ସମିତି ଦାରିଙ୍ଗବାଡ଼ି
## ଏକାଦଶ ଅଧିବେଶନ ବିବରଣି

**ତା- ୨୪.୧୦.୨୦୨୫**
**ସମୟ: ପୂର୍ବାହ୍ନ ୧୧ ଘଟିକା**
**ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, ଦାରିଙ୍ଗବାଡ଼ି**

---

ଉପସ୍ଥିତ ସଭ୍ୟ/ସଭ୍ୟାଙ୍କ ସ୍ୱାକ୍ଷର
(ସଂଲଗ୍ନ କରାଗଲା)

ଅଦ୍ୟ ତା **୨୪.୧୦.୨୦୨୫** ରିଖ ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ପଞ୍ଚାୟତ ସମିତି ଦାରିଙ୍ଗବାଡ଼ିର ସମ୍ମିଳନୀ କକ୍ଷ (ସଭାଗୃହ) ଠାରେ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତିର ଅଧକ୍ଷ ଶ୍ରୀ ସୁଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତିର ଏକାଦଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ଅଦ୍ୟ ବୈଠକରେ ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ବିଷ୍ଣ ଚରଣ ପ୍ରଧାନ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଅଦ୍ୟ ବୈଠକରେ ଜିଲ୍ଲା ପରିଷଦ ଜୋନ- ୧୦ ର ସଦସ୍ୟ ଶ୍ରୀ ରଞ୍ଜନ କୁମାର ପ୍ରଧାନ ଓ ଜୋନ-୧୧ ର ସଦସ୍ୟା ଶ୍ରୀମତୀ ଦୀପିକା ମୁଠାମାଝୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ସର୍ବ ପ୍ରଥମେ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଗୃହର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ପ୍ରୀତି ରଞ୍ଜନ ରଥ ଏକାଦଶ ଅଧିବେଶନ ବୈଠକରେ ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟା, ସରକାରୀ କର୍ମଚାରୀ ଓ ସାମ୍ବାଦିକମାନଙ୍କୁ ସ୍ୱାଗତ ଜଣାଇଥିଲେ ଓ ବୈଠକର କାର୍ଯ୍ୟକ୍ରମ ବିଷୟରେ ଗୃହରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

ଏହା ପରେ ପଞ୍ଚାୟତ ସମିତିର ଅଧକ୍ଷ ଶ୍ରୀଯୁକ୍ତ ସୁଶାନ୍ତ ପ୍ରଧାନ ଗୃହରେ ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟା, ସରକାରୀ କର୍ମଚାରୀ ଓ ଗଣମାଧମମାନଙ୍କୁ ସ୍ୱାଗତ ଜଣାଇ ବୈଠକ କାର୍ଯ୍ୟକ୍ରମ ଆରମ୍ଭ କରିବା ସକାଶେ ଅନୁମତି ପ୍ରଦାନ କରିଥିଲେ।

**ନିର୍ଦ୍ଧାରଣ ନଂ ୧:-** ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଗତ ବୈଠକର ବିବରଣୀ ପଠନ କରାଯାଇଥିଲା ଏବଂ ଠିକ ଥିବା ଯୋଗୁଁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଯାଇ ସମସ୍ତ ନିର୍ଧାରଣମାନ ଦୃଢିକରଣ କରାଗଲା।

**ନିର୍ଦ୍ଧାରଣ ନଂ ୨:-ସ୍ୱାସ୍ଥ୍ୟ ବିଭାଗ-** ଅଦ୍ୟ ବୈଠକରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉପସ୍ଥିତ ଥିବା ଡାକ୍ତର ଶ୍ରୀ ସତ୍ୟଜିତ ମଲ୍ଲିକ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କ ତରଫରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅଦ୍ୟ ବୈଠକରେ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଉଥିବା ବିଷୟରେ ସଭାକୁ ଅବଗତ କରିଥିଲେ। ଏହା ଉପରେ ଆଲୋଚନା କରିବାକୁ ଯାଇ ଶ୍ରୀ ଶ୍ୟାମଘନ ପ୍ରଧାନ ସମିତି ସଭ୍ୟ ଶିରକାବର୍ଗ ପ୍ରକାଶ କରିଥିଲେ ଯେ ଆୟୁଷ୍ମାନ କାର୍ଡ ନିମନ୍ତେ ସରକାର ତିନି ମାସ ମଧ୍ୟରେ ବଣ୍ଟନ କରାଯିବାକୁ ନିଶ୍ଚିତ କରିଥିଲେ, କିନ୍ତୁ ଦୁଃଖର ବିଷୟ ଏହା ସରକାର ଘୋଷଣାର ଛଅ ମାସ ବିତିଗଲା ପରେବି ଲୋକଙ୍କୁ ସଂପୂର୍ଣ୍ଣ ଭାବେ କାର୍ଡ ବଣ୍ଟନ କରାଯାଇ ନାହିଁ ଓ ଏଥିନିମନ୍ତେ ଆବଶ୍ୟକ ପଡୁଥିବା କେ.ୱାଇ.ସି. ନିମନ୍ତେ ହିତାଧିକାରୀ ମାନଙ୍କ ଠାରୁ ୨୫୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରାଯାଉଅଛି। ଏହାକୁ ବନ୍ଦ କରାଯାଇ କିପରି ଲୋକମାନେ ସୁବିଧାରେ କାର୍ଡ ପାଇପାରିବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଡାକ୍ତରଙ୍କୁ ଅନୁରୋଧ ଜଣାଇଥିଲେ। ଏହା ଛଡା ସଭାରେ ଉପସ୍ଥିତ ଥିବା ଶ୍ରୀ ସାଧୁ ନାୟକ ସମିତି ସଭ୍ୟ ସିମନବାଡି ଜନ୍ମ ପ୍ରମାଣ ପତ୍ର ପ୍ରଦାନ ଦିଗରେ ବହୁତ ବିଳମ୍ବ ହେଉଅଛି ଏବଂ ଏହା ସହିତ ଅର୍ଥ ମଧ ଦାବି କରାଯାଉଛି, ଏହାକୁ ରୋକିବା

ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର। ସଭାରେ ଉପସ୍ଥିତ ଥିବା ଶ୍ରୀ ଚାରୁଲତା ପ୍ରଧାନ ସରପଞ୍ଚ କୁତାଗୁଡା ମଧ୍ୟ ପ୍ରକାଶ କରିଥିଲେ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରିବାରେ ମଧ୍ୟ ବିଳମ୍ବ ଏବଂ ଅର୍ଥ ଦାବିର ଅଭିଯୋଗ ରହିଅଛି । ଅତଏବ ଆଜିର ବୈଠକ ତରଫରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଏହି ଦିଗରେ ଧ୍ୟାନ ଦେଇ ଏହି ଅଭିଯୋଗ ଗୁଡିକର ସମାଧାନ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଗଲା।

**ନିର୍ଦ୍ଧାରଣ ନଂ ୩:- ଶିକ୍ଷା କାର୍ଯ୍ୟକ୍ରମ –** ସମିତି ବୈଠକରେ ଶିକ୍ଷା ବିଭାଗର ଶ୍ରୀ ବନମାଳୀ ମାଝୀ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୃହରେ ଉପସ୍ଥିତ ରହି ତଥ୍ୟ ରଖିଥିଲେ ୨୦ ଜଣ ପିଲା ରୁ କମ ବିଦ୍ୟାଳୟ ଗୁଡିକ ବନ୍ଦ ହୋଇଯିବ। ଶିକ୍ଷାର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ତରଫରୁ ଶିକ୍ଷା ଅଙ୍କୁର, ପ୍ରୟାସ, ମୁଁ ଲେଖିବି ମୁଁ ପଢିବି କାର୍ଯ୍ୟକ୍ରମ ଚାଲୁ ରହିଛି। ଏହା ଛଡା ମୋବାଇଲ ଆପ ମାଧ୍ୟମରେ ଛାତ୍ର ଛାତ୍ରୀଙ୍କ ନାମ ପଞ୍ଜୀକରଣ କରାଇବାକୁ ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ପ୍ରବର୍ତ୍ତାଇବାକୁ ଅନୁରୋଧ କରିଥିଲେ। ଏବଂ ଦାଖଣ୍ଡା ଓ ବୃତ୍ତିର ସୁବିଧା ନେବା ପାଇଁ ଅନୁରୋଧ କରିଥିଲେ। ସଭାରେ ଉପସ୍ଥିତ ଥିବା ଶ୍ରୀ ଶ୍ୟାମଘନ ପ୍ରଧାନ ସମିତି ସଭ୍ୟ ଶିରକାବର୍ଗ ପ୍ରକାଶ କରିଥିଲେ ଯେ ଏକ ପଞ୍ଚମ ଶ୍ରେଣୀର ଛାତ୍ର ଅ ଆ ଇ କିମ୍ବା ଏ ବି ସି ଡି ଠିକ ରୂପେ ଲେଖିପାରୁ ନାହିଁ ତେଣୁ ଶିକ୍ଷକମାନେ କିପରି ପିଲାମାନଙ୍କୁ ଠିକରୂପେ ପାଠ ପଢାଇବେ ସେ ଦିଗରେ ଧ୍ୟାନ ଦେବା ନିମନ୍ତେ ଆଜିର ବୈଠକରେ ଉପସ୍ଥିତ ଥିବା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ସଭାରେ ଉପସ୍ଥିତ ଥିବା ଶ୍ରୀ ସାଧୁ ନାୟକ ସମିତି ସଭ୍ୟ ସିମନବାଡି ସରକାରଙ୍କ ତରଫରୁ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ମାଗଣା ପୋଷାକ ବଣ୍ଟନ ତାଙ୍କ ପଞ୍ଚାୟତରେ ହୋଇ ନାହିଁ। ଶିକ୍ଷକଙ୍କୁ ପଚାରିଲେ ସେ ଜବାବ ଦେଉଛନ୍ତି ଯେ ଏହା ଯୋଗାଇବା ନିମନ୍ତେ ସ୍ୱୟଂ ସହାୟିକା ଦଳକୁ ଦାୟୀତ୍ୱ ଦିଆଯାଇଅଛି ସେମାନେ ଯୋଗାଇଲେ ବିଦ୍ୟାଳୟ ପିଲାମାନଙ୍କୁ ପୋଷାକ ବଣ୍ଟନ କରିବ। ତେଣୁ ଏ ଦିଗରେ ବିହିତ ପଦକ୍ଷେପ ନେବା ନିମନ୍ତେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଗଲା। ସଭାରେ ଶ୍ରୀ ଦିଲୀପ ପ୍ରଧାନ ସମିତି ସଭ୍ୟ ତିଲୋରି ଗ୍ରା.ପ. ପ୍ରକାଶ କରିଥିଲେ ଯେ ପାଙ୍ଗାଲି ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏହା ଛଡା ସରପଞ୍ଚ କାଡିଙ୍ଗିଆ ଗ୍ରା.ପ. ପ୍ରକାଶ କରିଥିଲେ ଯେଉଁ ବିଦ୍ୟାଳୟ ଗୁଡିକରେ ଏକରୁ ଅଧିକ ଅଛନ୍ତି ସେମାନେ ପାଳି କରି ଦିନକୁ ଜେନ ହିସାବରେ ବିଦ୍ୟାଳୟକୁ ଆସୁଛନ୍ତି ଏବଂ ପିଲାମାନଙ୍କୁ ମିଳୁଥିବା ଛାତ୍ର ବୃତ୍ତି ଅର୍ଥ ଆଜି ପର୍ଯ୍ୟନ୍ତ ମିଳି ନାହିଁ। ବୈଠକରେ ଉପସ୍ଥିତ ଥିବା ସାଂସଦ ପ୍ରତିନିଧି ଶ୍ରୀ ବିଷ୍ଣୁ ଚରଣ ପ୍ରଧାନ ପ୍ରକାଶ କରିଥିଲେ ଯେ ବିଦ୍ୟାଳୟ ଏବଂ ଶିକ୍ଷା ଉଭୟଙ୍କ ଉନ୍ନତିକରଣ କରିବା ନିହାତି ଆବଶ୍ୟକ। ଅତଏବ ଏହି ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଆଜିର ବୈଠକ ତରଫରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଗଲା।

**ନିର୍ଦ୍ଧାରଣ ନଂ ୪:-ଶିଶୁ ବିକାଶ ଯୋଜନା-** ଶିଶୁ ବିକାଶ ଯୋଜନା ଅଧିକାରୀ ଛଅ ଟି ସେବା ଉପରେ ଆଲୋକପାତ କରିଥିଲେ ଯଥା ଏମଏମପି, ଗର୍ଭବତୀ ଓ ପ୍ରସୂତି, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା, ରକ୍ତ ହୀନତା, ପୋଷ୍ଟିକ ମୁଢି, ଆଦରିକା, ବାଲ୍ୟବିବାହ ଏବଂ ନୂତନ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି ଏବଂ ସୁଭଦ୍ରା ଯୋଜନା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହା ଉପରେ ଆଲୋକପାତ କରିବାକୁ ଯାଇ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରକାଶ କରିଥିଲେ ଯେ ବ୍ଲକରେ ବର୍ତ୍ତମାନ ମୋଟ ୩୫୫ ଗୋଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟକାରୀ ହେଉଅଛି। ସେଥି ମଧ୍ୟରୁ ୨୮୧ ଗୋଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ କୋଠା ଅଛି ଏବଂ ୭୫ ଗୋଟି କେନ୍ଦ୍ର ବ୍ୟକ୍ତିଗତ କୋଠାରେ ପରିଚାଳିତ ହେଉଅଛି। ଆବଶ୍ୟକ ଥିବା ୭୫ ଗୋଟି କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୪୧ ଗୋଟିର କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଅଛି। ଏହାଛଡା ୩ ରୁ ୬ ବର୍ଷ ବୟସ ପିଲା/ଗର୍ଭବତୀ ମହିଳା ମାନଙ୍କୁ ଅଣ୍ଡା, ଛତୁଆ, ପୋଷ୍ଟିକ ମୁଢି

ଇତ୍ୟାଦି ଅଙ୍ଗନବାଡି କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଉଅଛି। ପ୍ରତି ଶନିବାର ଦିନ ୧୮ ରୁ ୧୯ ବର୍ଷ ବୟସର କିଶୋରୀ ମାନଙ୍କୁ ନେଇ ଆଦବିକା ବୈଠକ କରାଯାଉଅଛି। ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ହିତାଧିକାରୀମାନେ ବର୍ତ୍ତମାନ ତୃତୀୟ କିସ୍ତିର ଟଙ୍କା ପାଇସାରିଲେଣି। ଏହା ଉପରେ ଆଲୋଚନା କରିବାକୁ ଯାଇ ସଭାରେ ଉପସ୍ଥିତ ଥିବା ସରପଞ୍ଚ ବାମୁଣୀଗାଁ ତାଙ୍କ ପଞ୍ଚାୟତରେ ବହୁତ ଜଣ ମା ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ନ ହୋଇ ରହିଛନ୍ତି। ତେଣୁ ସେମାନଙ୍କୁ ଅତି ଶୀଘ୍ର ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ସଭାରେ ଉପସ୍ଥିତ ଥିବା ସଭ୍ୟ ସଭ୍ୟାମାନେ ଅଙ୍ଗନବାଡି କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଉଥିବା ଛତୁଆ ଅତି ନିମ୍ନ ମାନର ହୋଇଥିବା ପ୍ରକାଶ କରିଥିଲେ। କାଟିଙ୍ଗିଆଠାରେ ଅଙ୍ଗନବାଡି କେନ୍ଦ୍ରର ଓ ଶିକ୍ଷା ପ୍ରଦାନରେ ଅଭାବ ଏବଂ ମମତା କାର୍ଡ ବଣ୍ଟନରେ ଅହେତୁକ ବିଳମ୍ବ, ଶାନିକେତା ପଞ୍ଚାୟତ ଅନ୍ତର୍ଗତ ତେରାବାଡି ଅଙ୍ଗବାଡି କର୍ମୀ ଗାଁ କଲ୍ୟାଣ ଫାଣ୍ଡିର ଦୁରୁପଯୋଗ କରିଥିବାର ଅଭିଯୋଗ ହୋଇଥିଲା। ତେଣୁ ଏହା ଉପରେ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହାନ କରିବାକୁ ଆଜିର ବୈଠକ ତରଫରୁ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

<u>**ନିର୍ଦ୍ଧାରଣ ନଂ ୫:-କୃଷି -**</u> ବ୍ଲକ କୃଷି ଅଧିକାରୀ ଗୃହରେ ପ୍ରକାଶ କରିଥିଲେ ଯେ ସରକାରଙ୍କ ତରଫରୁ କୃଷିର ଉନ୍ନତି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ମୃତ୍ତିକା ପ୍ରମାଣ ପତ୍ର, ବିଶ୍ଳେଷଣ, ଚାଷିଙ୍କ ନାମ ପଞ୍ଜୀକରଣ ଏବଂ ପ୍ରଧାନ ମନ୍ତ୍ରୀ କିଶାନ କାର୍ଡର କାର୍ଯ୍ୟକାରିତା ଉପରେ ବିଷାଦ ଭାବେ ଉପଠିତ ସଭ୍ୟ ସଭ୍ୟାମାନଙ୍କୁ ବୁଝାଇଥିଲେ।

<u>**ନିର୍ଦ୍ଧାରଣ ନଂ ୬:-ପ୍ରାଣୀ ସମ୍ପଦ-**</u> ଅଦ୍ୟ ବୈଠକରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଉପସ୍ଥିତ ଥିବା ଭି.ଏ.ଏସ. ଶ୍ରୀ ଜଗନ୍ନାଥ ଘଢାଇ ଗୃହକୁ ଅବଗତ କରାଇଥିଲେ ଯେ ବିଭାଗ ତରଫରୁ ଏକ ମୋବାଇଲ ଭ୍ୟାନ ପ୍ରାଣୀ ଚିକିତ୍ସା ନିମନ୍ତେ ବିଭିନ୍ନ ପଞ୍ଚାୟତକୁ ମାସକୁ ୨୦ ଦିନ ଗସ୍ତ କରୁଅଛି ସେଠାରେ ଲୋକମାନେ ନିଜ ନିଜର ପାଳିତ ପଶୁ ନିମନ୍ତେ ଅବଶ୍ୟକୀୟ ଚିକିତ୍ସା ସେବା ପାଇ ପାରିବେ। ପିଏମ ଯୁଗ ଯୋଜନା ମାଧ୍ୟମରେ ଛେଳି ଚାଷ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି। ଏହି ବ୍ୟବସ୍ଥାରେ ୩୦ ଗୋଟି ମାଇ ଛେଳି ଓ ୨ ଗୋଟି ବୋଦା ପ୍ରଦାନ କରାଯାଉଅଛି ଏବଂ ମୁଖ୍ୟ ମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ୨ ଗୋଟି ଦୁଧିଆଳୀ ଗାଇ ଯୋଗାଇ ଦିଆଯାଉଅଛି। ଯାହାର ପ୍ରକଳ୍ପ ମୂଲ୍ୟ ୧୮୦୦୦୦ ଟଙ୍କା (ଏକ ଲକ୍ଷ ଅଶିଏ ହଜାର) ଏବଂ ଏଥିମଧ୍ୟରୁ ଟ. ୧୨୬୦୦୦ ଟଙ୍କା (ଏକ ଲକ୍ଷ ଛବିଶ ହଜାର) ସବସିଡି ଆକାରରେ ପ୍ରଦାନ କରାଯିବ ଓ ଅବଶିଷ୍ଟ ଟ. ୫୪୦୦୦ ଙ୍କା ହିତାଧିକାରୀଙ୍କ ଦ୍ୱାରା ଋଣ ପରିଶୋଧ କରିବାକୁ ପଡିବ। ଏହା ଛଡା ଆଗ୍ରହୀ ହିତାଧିକାରୀମାନଙ୍କୁ କୁକୁଡା ପାଳନ ନିମନ୍ତେ ମଧ ସହାୟତା ଯୋଗାଇ ଦିଆଯାଉଛି।

<u>**ନିର୍ଦ୍ଧାରଣ ନଂ ୭:-ବିଦ୍ୟୁତ ବିଭାଗ-**</u> ବିଦ୍ୟୁତ ବିଭାଗ ତରଫରୁ କେହି ଉପସ୍ଥିତ ନଥିଲେ। ତେଣୁ ତାଙ୍କୁ କଇଫତ ତଲବ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା।

<u>**ନିର୍ଦ୍ଧାରଣ ନଂ ୮:-ପାନୀୟ ଜଳ ଯୋଗାଣ(RWS&S)-**</u> କନିଷ୍ଠ ଯନ୍ତ୍ରୀ ପାନୀୟଜଳ ଯୋଗାଣ ସମ୍ପର୍କରେ କହିଲେ ଯେ ପଞ୍ଚାୟତ ସମିତି ଅଞ୍ଚଳରେ ମୋଟ ୨୨୬୬ ଗୋଟି ନଳ କୂପ ଅଛି। ଯାହାର ସାଧାରଣ ମରାମତି ଗ୍ରାମ ପଞ୍ଚାୟତରେ ନିଯୁକ୍ତି ପାଇଥିବା SEM ଦ୍ୱାରା ହେଉଅଛି। ଏହା ସହିତ ଦୁଇ ଗୋଟି ଭ୍ରାମ୍ୟମାଣ ଭ୍ୟାନ ମାଧ୍ୟମରେ ମଧ ସମସ୍ତ ପ୍ରକାରର ମରାମତି କାର୍ଯ୍ୟ ହେଉଅଛି। ବର୍ତ୍ତମାନ ଛ ଗୋଟି ଜଳ ବିଶୋଧନ କେନ୍ଦ୍ରର କାର୍ଯ୍ୟ ଚାଲୁ ରହିଛି। ଏହା ଅଳ୍ପ ଦିନ ମଧ୍ୟରେ କାର୍ଯ୍ୟକାରୀ ହୋଇଯିବ। ସଭାରେ ଉପସ୍ଥିତ ଥିବା ସିଆଙ୍ଗବାଲି ସରପଞ୍ଚ ଶ୍ରୀ ଆଦ୍ରିକ ପ୍ରଧାନ ତାଙ୍କ ପଞ୍ଚାୟତରେ ସୋଲାର ଚାଳିତ ପାନୀୟ ଜଳ ଯୋଗାଣ କେନ୍ଦ୍ରଟି କାର୍ଯ୍ୟ କରୁନଥିବା ଯୋଗୁଁ ସର୍ବ ସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଣୁ ଏଥି ଉପରେ କନିଷ୍ଠ ଯନ୍ତ୍ରୀ ପାନୀୟଜଳ ଯୋଗାଣ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜିର ବୈଠକ ତରଫରୁ କନିଷ୍ଠ ଯନ୍ତ୍ରୀ ପାନୀୟଜଳ ଯୋଗାଣଙ୍କୁ ଅନୁରୋଧ କରାଗଲା।

<u>**ନିର୍ଦ୍ଧାରଣ ନଂ ୯:-ଗ୍ରାମ୍ୟ ଉନ୍ନୟନ ବିଭାଗ-**</u> ଅଦ୍ୟ ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ବେହେରା ବୈଠକରେ ଉପସ୍ଥିତ ରହି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ମାଧ୍ୟମରେ ମୋଟ ସାତ ଗୋଟି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବିଷୟରେ

ଉପସ୍ଥାପନ କରିଥିଲେ। ଏହାପରେ ବାମୁଣିଗାଁ ସରପଞ୍ଚ ଶ୍ରୀମତୀ ସଞ୍ଜୁକ୍ତା ମଲିକ ଲମ୍ବକିଆରି ରାସ୍ତା ନିର୍ମାଣ କାର୍ଯ୍ୟ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହା ଛଡା ଶ୍ରୀ ଶ୍ୟାମଘନ ପ୍ରଧାନ ଶିରକାବର୍ଗ ରାସ୍ତା କାହିଁକି ମରାମତି ଓ ରକ୍ଷଣାବେକ୍ଷଣ କରାଯାଉନାହିଁ ଏବଂ ବାତାବାଙ୍ଗା ସରପଞ୍ଚ ଶ୍ରୀ ପ୍ରସନ୍ନ ପ୍ରଧାନ ବୁଦୁକେଳୁ ଓ ମହାଗୁଡି ରାସ୍ତା ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖିବାକୁ ଯାଇ କନିଷ୍ଠ ଯନ୍ତ୍ରୀ କହିଥିଲେ କି ଏହି କାର୍ଯ୍ୟ ଗୁଡିକର ତାଲିକା ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ଅଛି। ଆମ ବିଭାଗ ତରଫରୁ ଦାରିଙ୍ଗବାଡି ବ୍ଲକର ଏକ ଶହରୁ ଉର୍ଦ୍ଧ ରାସ୍ତାର ତାଲିକା ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି। ସରକାରଙ୍କ ଠାରୁ ଉକ୍ତ କାର୍ଯ୍ୟ ଗୁଡିକ ପର୍ଯ୍ୟାୟ କ୍ରମେ ମଞ୍ଜୁରୀ ପାଇବାର ସମ୍ଭାବନା ଅଛି। ତେଣୁ କାର୍ଯ୍ୟ ଗୁଡିକ ଆସ୍ତେ ଆସ୍ତେ ପର୍ଯ୍ୟାୟ କ୍ରମେ ହେବ।

<u>ନିର୍ଦ୍ଧାରଣ ନଂ ୧୦</u>:-**ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା** - ଅଦ୍ୟ ସଭାରେ ଉପସ୍ଥିତ ଥିବା ଟାକୁଙ୍ଗିଆ ସମିତି ସଭ୍ୟ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଯେପରି ସମସ୍ତ ଜବ କାର୍ଡ ଧାରି କାର୍ଯ୍ୟ ପାଇପାରିବେ ସେଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରିବାକୁ ଉପସ୍ଥିତ ଥିବା ଏ.ପି.ଓ. ବା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଅନୁରୋଧ ଜଣାଇଥିଲେ। ଏହାର ଉତ୍ତର ରଖିବାକୁ ଯାଇ ଏ.ପି.ଓ. ଦାରିଙ୍ଗବାଡି କହିଥିଲେ ଯେ ଯେଉଁ ଶ୍ରମିକ ମାନଙ୍କର ଜବ କାର୍ଡ ସହିତ ଆଧାର ସଂଯୋଗିକରଣ କରାଯାଇ ଅଛି କେବଳ ସେହିମାନେ ହିଁ କାର୍ଯ୍ୟ କରିପାରିବେ ତେଣୁ ସମସ୍ତଙ୍କ ଜବ କାର୍ଡ ସହିତ ଆଧାର କାର୍ଡ ସଂଯୋଗ କରିବା ସକାଶେ ଶ୍ରମିକ ମାନଙ୍କୁ ପ୍ରବର୍ତ୍ତାଇବାକୁ ଅନୁରୋଧ। ସଭାରେ ଉପସ୍ଥିତ ଥିବା ସିମନବାଡି ସମିତି ସଭ୍ୟ ଜବ କାର୍ଡ ସହିତ ଆଧାର କାର୍ଡ ସଂଯୋଗିକରଣ ନିମନ୍ତେ ବିଭିନ୍ନ ଜାଗାରେ ଅଧିକା ଅର୍ଥ ମାଗୁଥିବା ପ୍ରସଙ୍ଗ ଦୃଷ୍ଟି ଗୋଚର ହେଉଅଛି ଏଣୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

<u>ନିର୍ଦ୍ଧାରଣ ନଂ ୧୧</u>:-**ସାମାଜିକ ସୁରକ୍ଷା ବିଭାଗ** - ଅଦ୍ୟ ବୈଠକରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିଶ ପ୍ରିୟଦର୍ଶୀ ସାହୁ ବ୍ଲକ ତରଫରୁ ପ୍ରଦାନ କରାଯାଉଥିବା ମୋଟ ଭତ୍ତାଧାରୀଙ୍କ ସଂଖ୍ୟା ୫୪୨୧ ସେଥିମଧ୍ୟରୁ ୧୨୪୬୭ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ଓ ୧୪୩୨୦ ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଅଛି। ବର୍ତ୍ତମାନ ଭତା ପାଇବା ନିମନ୍ତେ ଯୋଗ୍ୟ ହିତାଧିକାରୀମାନେ ଅନଲାଇନ ଜରିଆରେ ଆବେଦନ କରିବା ଦରକାର।

<u>ନିର୍ଦ୍ଧାରଣ- ନଂ ୧୨</u>:- **ଅନ୍ୟାନ୍ୟ**- ସଭାପତିଙ୍କ ଅନୁମତି କ୍ରମେନିମ୍ନ ବିଷୟରେ ଆଲୋଚନା କରାଗଲା।

୧. ସଭାରେ ଉପସ୍ଥିତ ଥିବା ସରପଞ୍ଚ ବାମୁଣିଗାଁ ପ୍ରକାଶ କରିଥିଲେ କି ଯେ ଦାରିଙ୍ଗବାଡି ବ୍ଲକର ଆୟତନ ଦୃଷ୍ଟିରୁ ତଥା ଭୌଗଳିକ ଦୃଷ୍ଟି କୋଣରୁ ବିଚାରକୁ ନିଆଗଲେ ତଳ ଜୋନରେ ଥିବା ଆଠ ଗୋଟି ପଞ୍ଚାୟତକୁ ନେଇ ବାମୁଣିଗାଁଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା କଲେ ଜନସାଧାରଣ ବହୁତ ଉପକୃତ ହୁଅନ୍ତେ। ଏଣୁ ଏ ଦିଗରେ ସରକାର ତଥା ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉ।

୨. ଆଜିର ବୈଠକରେ ସଭାପତି ଶ୍ରୀ ସୁଶାନ୍ତ କୁମାର ପ୍ରଧାନ ପଞ୍ଚାୟତ ସମିତି ଦ୍ୱାରା ପ୍ରସ୍ତୁତ କରାଯାଇଥିବା କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗ ଅନୁଦାନର ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ କାର୍ଯ୍ୟଖସଡା ନିମ୍ନମତେ ପ୍ରଦାନ କରିଥିଲେ।

## <u>କାର୍ଯ୍ୟଖସଡା ତାଲିକା</u>

### ୧. କେନ୍ଦ୍ରୀୟ ଅର୍ଥ ଆୟୋଗ

| Sl. No | Name of the GP | Name of the Project | Location of Asset | Estimated Cost |
|---|---|---|---|---|
| 1 | DWSM | 75% TRANSFERRED TO DWSM A.C. FROM 1ST INSTALLMENT | Daringbadi (Ct) | 3065006 |

| | | | | |
|---|---|---|---|---|
| 2 | DWSM | 75% TIED FUND TRANSFERRED TO DWSM A.C FROM 2ND INSTALLMENT 2025-26 | Daringbadi (Ct) | 3065006 |
| 3 | RWSS | TUBE WELL REPAIRING AND VEHICLE CHARGES 2025-26 | Daringbadi (Ct) | 1021669 |
| 4 | RWSS | PURCHASE OF TUBE WELL SPARE PARTS AND VEHICLE CHARGES 2025-26 | Daringbadi (Ct) | 1021669 |
| **Total** | | | | **8173350** |
| 1 | Badabanga | Completion of Incomplete Mision Shakti Gruha at Gadadi | Gadadi | 201000 |
| 2 | Bamunigam | Const. of Paver road at Sundarpanka, Sisir Sahi | Sundarpanka | 201000 |
| 3 | Bhramarbadi | Repair & Maintenance of AWC Building at Budanpipali | Budanpipali | 201000 |
| 4 | Budaguda | Const. of Paver road at Budaguda UP School | Budaguda | 201000 |
| 5 | Danekbadi | Const. of Paver road at Padanketa Jayanti Sahi to Church | Padanketa | 201000 |
| 6 | Daringbadi | Const of CC road in front of UP School Rukanbadi at Rukanbadi | Rukanbadi | 201000 |
| 7 | Dasingbadi | Const. of Paver block road at Janabadi Kishor Sahi | Tekangia | 201000 |
| 8 | Gadapur | Const of Bathng Ghat & wall at Bengemaha,Gadapur | Bengemaha | 201000 |
| 9 | Greenbadi | Const. of Paver road at Kutubadi, Debadatta Sahi | Kutubadi | 201000 |
| 10 | Gumikia | Const. of Boundary wall to Tambuli Primary School | Tembuli | 201000 |
| 11 | Hatimunda | Const. of Paver road at Panaspadar, Bindhani Sahi | Panaspadar | 201000 |
| 12 | Jhinjiriguda | Ghat cutting on the road Jhinjiriguda to Bagpada road | Jhinjiriguda | 201000 |
| 13 | Kattingia | Improvement of Kattingia UP School (Paver Road) | Kattingia | 201000 |
| 14 | Kirikuti | Const. of Culvert at Dangeri, Kirikuti | Dangeri | 201000 |
| 15 | Kumbharigam | Const. of Paver road at Tikanagar, Kumbharigaon | Kumbharigoan | 201000 |
| 16 | Partamaha | Const. of Paver block road at Basabadi, Batarpadi Sahi | Basabadi | 201000 |
| 17 | Pliheri | Const. of Culvert over the road from Pwd road to Johan Sahi at Mlukcheri | Pliheri | 201000 |
| 18 | Saramuli | Const of CC road at Rangamaha, Pakalmaha | Pakalmaha | 201000 |
| 19 | Siangabali | Const of School Boundary at Penamusi Primary School | Penamusi | 201000 |
| 20 | Simanbadi | Const. of Culvert over the road from Sarumaha to Pada Sahi | Simanbadi | 201000 |
| 21 | Sirkabarga | Const. of Culvert at Pangapanga near Banjamaha Baptist Church | Banjamaha | 201000 |
| 22 | Sonepur | Const. of Paver road at Gahakia RD raod to Sunda Sahi | Gahakia | 201000 |
| 23 | Sraniketa | Const of CC road from RD road to Kaindra Sahi at Takarmala | Takarmala | 201000 |
| 24 | Tajungia | Const. of Paver road at Kalingi Damian Sahi | Kalingi | 201000 |
| 25 | Tillory | Repair & Maintenance of Asha Kiran High School at Tillory | Tillory | 201000 |
| 25 | Daringbadi | Completation & renovation of new Conference hall in the premises of Panchayat Samiti, Daringbadi | Tillory | 423900 |
| **Total** | | | | **5448900** |

୨. ରାଜ୍ୟ ଅର୍ଥ ଆୟୋଗ

| SL No | Name of the GP | Name of the Project | Estimated Cost (in Lakh) |
|---|---|---|---|
| 1 | Badabanga | Const. of Paver road at Didrabadi, Kakamaha Sahi | 202038.00 |
| 2 | Bamunigam | Repair & Maintenace of Sundarpanka Primary School Building | 202038.00 |
| 3 | Bhramarbadi | Const. of Culvert over Kerubadi to Sarumaha via Srambadi road | 202038.00 |
| 4 | Budaguda | Const. of Culvert in front of Kanyashram at Budaguda | 202038.00 |
| 5 | Danekbadi | Repair & Maintenace of Siripakali UP School with Over head Tank/Motor/Electrification etc. | 202038.00 |
| 6 | Daringbadi | Const of CC road at Sripanka Majhi Sahi | 202038.00 |
| 7 | Dasingbadi | Const. of Culvert at Lungarbadi, Rasanamaha | 202038.00 |
| 8 | Gadapur | Const of CC road at Colony Sahi Gadapur | 202038.00 |
| 9 | Greenbadi | Reapir & Maintenace of Kutubadi UP School | 202038.00 |
| 10 | Gumikia | Const. of Culvert at Kudigunja, Alimaha road | 202038.00 |
| 11 | Hatimunda | Reapir & Maintenace of Kusumpada Primary School | 202038.00 |
| 12 | Jhinjiriguda | Const of CC road at Majhi Sahi Kadamba | 202038.00 |
| 13 | Kattingia | Const. of Culvert over the road from Katingia to Baraguda | 202038.00 |
| 14 | Kirikuti | Const. of Culvert at Tala Adivasi, sahi at Kirikuti | 202038.00 |
| 15 | Kumbharigam | Const. of Paver road from Sandimaha Culvert to Nua Sahi | 202038.00 |
| 16 | Partamaha | Reapir & Maintenace of AWC Building at Sujamaju | 202038.00 |
| 17 | Pliheri | Const. of Culvert at Saseti Samuel Sahi | 202038.00 |
| 18 | Saramuli | Const of CC road at Sinjakuti, Saramuli | 202038.00 |
| 19 | Siangabali | Const. of Paver block road at Manipur | 202038.00 |
| 20 | Simanbadi | Reapir & Maintenace of ME School at Simanbadi | 202038.00 |
| 21 | Sirkabarga | Const. of Paver road at Manikjodi | 202038.00 |
| 22 | Sonepur | Repair & Maintenance of Gahakia UP School | 202038.00 |
| 23 | Sraniketa | Const of Culvert Takarmala to Raibanja road | 202038.00 |
| 24 | Tajungia | Const. of Paver road at Laxman Sahi Sikarmaha | 202038.00 |
| 25 | Tillory | Const. of Paver road from Pangali to Dalapadi | 202038.00 |
| | | **Total** | **5050950.00** |

ସଭାରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ସଭ୍ୟା ଏହା ଉପରେ ବିଷାଦ ଆଲୋଚନା କରି ଠିକ ଥିବା ଯୋଗୁଁ ଆର୍ଥିକ ବର୍ଷ ୨୦୨୫-୨୬ର ବାର୍ଷିକ କାର୍ଯ୍ୟଖସଡାକୁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରିଥିଲେ।

୩. ଅଦ୍ୟ ବୈଠକରେ ସଭାପତି ପଞ୍ଚାୟତ ସମିତି ଦ୍ୱାରା ଆଦାୟ କରାଯାଉଥିବା ଖାଲି ଅଖାର ଅର୍ଥକୁ ପଞ୍ଚାୟତ ସମିତି ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ନିମନ୍ତେ ବ୍ୟୟ କରିବାକୁ ମତ ଉପସ୍ଥାପନ କରିଥିଲେ। ଉପସ୍ଥିତ ଥିବା

ସମସ୍ତ ସଭ୍ୟ ସଭ୍ୟାମାନେ ଏହା ଉପରେ ଆଲୋଚନା କରି ଆବଶ୍ୟକତା ଦୃଷ୍ଟିରୁ ଠିକ ଥିବା ଯୋଗୁଁ ସର୍ବ ସମ୍ମତିକ୍ରମେ ମଞ୍ଜୁରୀ ପ୍ରଦାନ କରିଥିଲେ।

୪. ଅଦ୍ୟ ବୈଠକରେ ସଭାପତି ଶ୍ରୀନିକେତା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ନିର୍ମାଣ ହୋଇଥିବା ବ୍ୟାଙ୍କ କାର୍ଯ୍ୟାଳୟ ବିଷୟରେ ବିଷାଦ ଭାବେ ଆଲୋଚନା କରାଯାଇଥିଲା। ଏହାର ଅନୁମୋଦନ ନଥିବା ଯୋଗୁଁ ଏହାକୁ କାର୍ଯ୍ୟ ପରବର୍ତୀ ଅନୁମୋଦନ ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଆଜିର ବୈଠକ ତରଫରୁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା।

୫. ଅଦ୍ୟ ବୈଠକରେ ପଞ୍ଚାୟତ ସମିତି ଦାରିଙ୍ଗବାଡି ଦ୍ୱାରା ନିର୍ମିତ କରାଯାଇଥିବା ୪ ଗୋଟି ଦୋକାନ ଗୃହକୁ ମାସିକ ଭଡା ସୂତ୍ରରେ ସର୍ବ ସାଧାରଣଙ୍କୁ ପ୍ରଦାନ କରିବା ନିମନ୍ତେ ଆଜିର ବୈଠକରେ ଆଲୋଚନା କରାଗଲା। ଉପସ୍ଥିତ ସଭ୍ୟଓ ସଭ୍ୟାମାନେ ଏହା ଉପରେ ବିଷଦ ଭାବେ ଆଲୋଚନା କରି ମାସିକ ଭଡା ଟ. ୧୦୦୦ (ଏକ ହଜାର) ଓ ଅମାନତ ରୂପେ ଟ. ୧୦୦୦୦ (ଦଶ ହଜାର) ଟଙ୍କା ମାତ୍ର ଧାର୍ଯ୍ୟ କରିବା ସକାଶେ ସର୍ବ ସମ୍ମତିକ୍ରମେ ନିସ୍ପତ୍ତି ଗ୍ରହଣ କଲେ ଏବଂ ଏଥି ନିମନ୍ତେ ଦରଖାସ୍ତ ଗ୍ରହଣ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା।

୬. ଅଦ୍ୟ ବୈଠକରେ ପଞ୍ଚାୟତ ସମିତିର ଅଧୀନରେ ଥିବା ବିଜୁ ପାଠାଗାର ଗୃହରେ ନିଜକୁ ଅସହାୟ ଦର୍ଶାଇ ବସବାସ କରୁଥିବା ଶ୍ରୀ ଅଜୟ ପ୍ରଧାନଙ୍କୁ ବାରମ୍ବାର ଗୃହ ଖାଲି କରିବା ନିମନ୍ତେ ଜଣାଯାଇଥିଲେ ମଧ୍ୟ ସେ ଆଜି କାଲି କରି ଗୃହକୁ ଛାଡୁନାହାନ୍ତି। ସେ ସରକାରଙ୍କ ଠାରୁ ଅବାସ ଯୋଜନା ମାଧ୍ୟମରେ ଗୃହ ପାଇଛନ୍ତି କିନ୍ତୁ ନିଜର ନିଜସ୍ୱ ଗୃହ ଥାଇ ମଧ୍ୟ ସରକାରୀ ଗୃହକୁ ଖାଲି କରୁନାହାନ୍ତି। ତେଣୁ ତାଙ୍କୁ ସେହି ଗୃହରୁ ବାହାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଆଜିର ବୈଠକ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।

ସର୍ବଶେଷରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ଶେଷ ହେଲା ବୋଲି ଘୋଷଣା କରିଥିଲେ।

ସଭାପତି ତଥା ଅଧ୍ୟକ୍ଷ,
ପଞ୍ଚାୟତ ସମିତ, ଦାରିଙ୍ଗବାଡ଼ି

ପରିପତ୍ର ସଂଖ୍ୟା:- ୩୨୩୦ ତାରିଖ-୨୭.୧୦.୨୦୨୫

ଏହାର ଏକକିତା ନକଲ ମାନ୍ୟବର ସାଂସଦ, ଫୁଲବାଣୀ / ମାନ୍ୟବର ବିଧାୟକ, ଘୁ.ଉଦୟଗିରି/ ଜିଲ୍ଲା ପରିଷଦ ସଭ୍ୟ,ଦାରିଙ୍ଗବାଡ଼ି ଜୋନ ୧୦ ଓ ୧୧/ସମସ୍ତ ସରପଞ୍ଚ/ସମିତି ସଭ୍ୟ, ଦାରିଙ୍ଗବାଡ଼ି ବ୍ଲକଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଦାରିଙ୍ଗବାଡ଼ି।

ପରିପତ୍ର ସଂଖ୍ୟା- ୩୨୩୮ ତାରିଖ-୨୭.୧୦.୨୦୨୫

ଏହାର ଏକକିତା ନକଲ ସମସ୍ତ ସରକାରୀ ସଭ୍ୟଙ୍କ ଗୋଚରାର୍ଥେ ଏବଂ ପରିପାଳନ ନିମନ୍ତେ ପ୍ରେରଣ କରାଗଲା

ପ୍ରୀତି ରଞ୍ଜନ ରଥ

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଦାରିଙ୍ଗବାଡ଼ି।

ପରିପତ୍ର ସଂଖ୍ୟା- ୩୨୩୭ ତାରିଖ-୨୭.୧୦.୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ/ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ/ ଉପ- ଜିଲ୍ଲାପାଳ, ବାଲିଗୁଡ଼ା ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଫୁଲବାଣୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପ୍ରୀତି ରଞ୍ଜନ ରଥ

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଦାରିଙ୍ଗବାଡ଼ି ।